# Telephone Conversation between Foreign Secretary and Secretary General, European External Action Service, European Union

November 16, 2021

## ବୈଦେଶିକ ସଚିବ ଏବଂ ୟୁରୋପୀୟ ସଂଘର ୟୁରୋପୀୟ ବାହ୍ୟ କାର୍ଯ୍ୟ ସେବା ବିଭାଗର ମହାସଚିବଙ୍କ ମଧ୍ୟରେ ଟେଲିଫୋନ ଜରିଆରେ ବାର୍ତ୍ତାଳାପ

**ନଭେମ୍ବର 16, 2021**

ବୈଦେଶିକ ସଚିବ ହର୍ଷ ବର୍ଦ୍ଧନ ଶ୍ରୀଙ୍ଗଲା ୟୁରୋପୀୟ ସଂଘର ୟୁରୋପୀୟ ବାହ୍ୟ କାର୍ଯ୍ୟ ସେବା ବିଭାଗର (ଇଇଏଏସ) ମହାସଚିବ ଶ୍ରୀ ଷ୍ଟିଫାନୋ ସାନିନୋଙ୍କ ସହ ଟେଲିଫୋନ ଜରିଆରେ ବାର୍ତ୍ତାଳାପ କରିଥିଲେ।

2. ସେମାନେ ଆଫଗାନିସ୍ତାନ ପ୍ରସଙ୍ଗ ଓ ପ୍ରାଥମିକତା ଉପରେ ଭାରତ ଏବଂ ୟୁରୋପୀୟ ସଂଘର ସାଧାରଣ ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। ଆଫଗାନିସ୍ତାନକୁ ଆତଙ୍କବାଦ ପାଇଁ ବ୍ୟବହାର ନହେବା ପାଇଁ ରୋକିବା ତଥା ଆଫଗାନିସ୍ତାନରେ ମହିଳା, ଶିଶୁ ଏବଂ ସଂଖ୍ୟାଲଘୁ ସମୁଦାୟର ଅଧିକାର ଉପରେ ଉଭୟ ପକ୍ଷ ଗୁରୁତ୍ୱାରୋପ କରିଥିଲେ। ଆଫଗାନିସ୍ତାନ ପ୍ରସଙ୍ଗ ଉପରେ ସମ୍ପ୍ରତି ଆୟୋଜିତ ଦିଲ୍ଲୀ ଆଞ୍ଚଳିକ ସୁରକ୍ଷା ଆଲୋଚନା ଏବଂ ଦିଲ୍ଲୀ ଘୋଷଣାନାମା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା।

3. ମିଆଁମାରର ପ୍ରସଙ୍ଗରେ ବୈଦେଶିକ ସଚିବ ଏବଂ ମହାସଚିବ ମଧ୍ୟ ମତ ବିନିମୟ କରିଥିଲେ। ବେଲାରଷ-ପୋଲାଣ୍ଡ ସୀମାରେ ଚାଲିଥିବା ପରିସ୍ଥିତି ଉପରେ ମଧ୍ୟ ସେମାନେ ଆଲୋଚନା କରିଥିଲେ। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଏବଂ ଏହାର ଶୀଘ୍ର ସମାଧାନ କରିବାର ଆବଶ୍ୟକତା ଉପରେ ଉଭୟ ପକ୍ଷ ସହମତ ହୋଇଥିଲେ।

4. ପାରସ୍ପରିକ ଆଗ୍ରହର ପ୍ରସଙ୍ଗରେ ବୈଦେଶିକ ସଚିବ ଏବଂ ମହାସଚିବ ସ୍ତରରେ ସମୟ ସମୟରେ ଆଦାନ ପ୍ରଦାନ ଜାରି ରଖିବାକୁ ସହମତ ହୋଇଥିଲେ।

**ନୂଆଦିଲ୍ଲୀ**

**ନଭେମ୍ବର 16, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.